## ତହସିଲଦାରଙ୍କ କାର୍ଯ୍ୟାଳୟ, ଉଲୁଣ୍ଡା

**ବିଜ୍ଞାପନ ସଂଖ୍ୟା: 1391 /ତାରିଖ : 20.6.2022**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ତହସିଲ ଅଧିନସ୍ଥ ନିମ୍ନୋକ୍ତ ଲଘୁ ଖଣିଜ (ବାଲି ଉତ୍ସ) କୁ ଆସନ୍ତା ୫ ( ପାଞ୍ଚ ) ବର୍ଷ ପାଇଁ ଅର୍ଥାତ ୨୦୨୨-୨୩ ଆର୍ଥିକ ବର୍ଷଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ଲିଜ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC ( Amendment Rule 2016 ରେ Form- M ପୂରଣ କରି ଏହାର ତିନି କପି ସହିତ ୧୦୦୦(ଏକହଜାର) ଟଙ୍କାର ଟ୍ରେଜେରିଚାଲାନ ଆବେଦନ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ,ମାଇନିଙ୍ଗ ଦେୟ ବାକି ନଥିବା ଏକ ସତ୍ୟପାଠ ,ସଲଭେନସି ସାର୍ଟିଫିକେଟ, Income Tax Clearance/IT return ର ନକଲ , ଅନ୍ୟାନ୍ୟ ଦକ୍ଷତା ଜ୍ଞାନ ଇତ୍ୟାଦିର ସାର୍ଟିଫିକେଟ ସଂଲଗ୍ନ କରି (Sealed Cover) ରେ ଆବେଦନ କରିବେ , ଯାହାକି ନିମ୍ନ ସ୍ୱାକ୍ଷରକରୀଙ୍କ କାର୍ଯ୍ୟାଳୟରେ ତା: ୦୫.୦୭.୨୦୨୨ ରିଖ ଅପରାହ୍ନ ଘ: ୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ: ୩.୩୦ ମି: ସମୟରେ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ପ୍ରଥମ ଦିନ ଚୁଡାନ୍ତ ହୋଇପାରିବ ନାହିଁ, ସେହି ଉତ୍ସ ପାଇଁ ଦ୍ୱିତୀୟଥର ତା:୧୨.୦୭.୨୦୨୨ ରିଖ ଅପରାହ୍ନ ଘ: ୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ: ୩.୩୦ ମି: ସମୟରେ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ଦ୍ୱିତୀୟ ଦିନ ଚୁଡାନ୍ତ ହୋଇପାରିବ ନାହିଁ, ସେହି ଉତ୍ସ ପାଇଁ ତୃତୀୟ ଥର ତା: ୧୯.୦୭.୨୦୨୨ ରିଖ ଅପରାହ୍ନ ଘ: ୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ: ୩.୩୦ ମି: ସମୟରେ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ସର୍ତ୍ତାବଳୀ ଓ ସବିଶେଷ ବିବରଣୀ www.subarnapur.nic.in ରେ କିମ୍ବା ଉଲୁଣ୍ଡା ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ ।

### ସଇରାତର ବିବରଣୀ

୧ . ବ୍ରାହ୍ମଣୀପାଲି ବାଲି ଉତ୍ସ ୨୦୨୨-୨୩ ରୁ ୨୦୨୬-୨୭ (ପାଞ୍ଚ) ବର୍ଷ

ଆନନ୍ଦ କୁ. ମେହେ
20/6/2022

ତହସିଲଦାର ଉଲୁଣ୍ଡା
ତହସିଲଦାର
ଉଲୁଣ୍ଡା

**ଜ୍ଞାପକ ସଂଖ୍ୟା: 1392 /ତାରିଖ : 20.6.2022**

ଏହି ବିଜ୍ଞାପନଟି ଏଡିଟର ଦୈନିକ ପ୍ରମେୟ ଓ ଧରିତ୍ରୀ ଓଡିଆ ଖବର କାଗଜରେ ଏକ ଦିନ ପାଇଁ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଆନନ୍ଦ କୁ. ମେହେ
20/6/2022

ତହସିଲଦାର ଉଲୁଣ୍ଡା
ତହସିଲଦାର
ଉଲୁଣ୍ଡା

# ତହସିଲଦାରଙ୍କ କାର୍ଯ୍ୟାଳୟ, ଉଲୁଣ୍ଡା

**ବିଜ୍ଞାପନ ସଂଖ୍ୟା: 1393 /ତାରିଖ : 20.6.2022**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ତହସିଲ ଅଧିନସ୍ଥ ନିମ୍ନୋକ୍ତ ଲଘୁ ଖଣିଜ (ବାଲି ଉତ୍ସ) କୁ ଆସନ୍ତା ୫ ( ପାଞ୍ଚ ) ବର୍ଷ ପାଇଁ ଅର୍ଥାତ ୨୦୨୨-୨୩ ଆର୍ଥିକ ବର୍ଷଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ଲିଜ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC ( Amendment Rule 2016 ରେ Form- M ପୂରଣ କରି ଏହାର ତିନି କପି ସହିତ ୧୦୦୦(ଏକହଜାର) ଟଙ୍କାର ଟ୍ରେଜେରିଚାଲାନ୍ ଆବେଦନ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ,ମାଇନିଙ୍ଗ ଦେୟ ବାକି ନଥିବା ଏକ ସତ୍ୟପାଠ ,ସଲଭେନସି ସାର୍ଟିଫିକେଟ, Income Tax Clearance/IT return ର ନକଲ , ଅନ୍ୟାନ୍ୟ ଦକ୍ଷତା ଜ୍ଞାନ ଇତ୍ୟାଦିର ସାର୍ଟିଫିକେଟ ସଂଲଗ୍ନ କରି (Sealed Cover) ରେ ଆବେଦନ କରିବେ , ଯାହାକି ନିମ୍ନ ସ୍ୱାକ୍ଷରକରୀଙ୍କ କାର୍ଯ୍ୟାଳୟରେ ତା: ୦୫.୦୭.୨୦୨୨ ରିଖ ଅପରାହ୍ନ ଘ: ୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ: ୩.୩୦ ମି: ସମୟରେ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ପ୍ରଥମ ଦିନ ଚୂଡାନ୍ତ ହୋଇପାରିବ ନାହିଁ, ସେହି ଉତ୍ସ ପାଇଁ ଦ୍ୱିତୀୟଥର ତା:୧୨.୦୭.୨୦୨୨ ରିଖ ଅପରାହ୍ନ ଘ: ୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ: ୩.୩୦ ମି: ସମୟରେ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ଯେଉଁ ସଇରାତ ଉତ୍ସ ଦ୍ୱିତୀୟ ଦିନ ଚୂଡାନ୍ତ ହୋଇପାରିବ ନାହିଁ, ସେହି ଉତ୍ସ ପାଇଁ ତୃତୀୟ ଥର ତା: ୧୯.୦୭.୨୦୨୨ ରିଖ ଅପରାହ୍ନ ଘ: ୩.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ ଏବଂ ସେହିଦିନ ଘ: ୩.୩୦ ମି: ସମୟରେ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ । ସର୍ତ୍ତାବଳୀ ଓ ସବିଶେଷ ବିବରଣୀ www.subarnapur.nic.in ରେ କିମ୍ବା ଉଲୁଣ୍ଡା ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଟେ ।

## <u>ଦାଖଲ କରିବାକୁ ଥିବା ଦଲିଲ୍ ଓ କାଗଜାତ୍</u>

୧ ଦରଖାସ୍ତକାରୀ ତିନିକିତା ଦରଖାସ୍ତ FORM-M ଦାଖଲ କରିବେ ।

୨. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ

*("0853-Non-ferrous mining &Metllurgical 102-mineral Concession fees ,rents & royalties- 0217- receipts under Odisha minor Minerals concession fees (new)-02021-collection offees, rents &royalties (new)"*

୩. ଦରଖାସ୍ତ କରୁଥିବା ସୈରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର, ଉଲୁଣ୍ଡା ନାମରେ (Payable at Ullunda ) ପ୍ରଦାନ କରିବେ । [ EMD i.e. 5% of { Minimum Guaranteed Quantity x (Royalty + Additional Charges)}]

୪. କୌଣସି ମାଇନିଙ୍ଗ ବାବଦକୁ ବକେୟାଦେୟ ନ ଥିବା ନେଇ ଏକ ସତ୍ୟପାଠ ।

୫. Solvency Certificate ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା କିମ୍ବାବ୍ୟାଙ୍କ ଗ୍ୟାରେଂଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉପରେ ବାର୍ଷିକ ମୂଲ୍ୟ { Minimum Guaranteed Quantity x (Royalty + Additional Charges)}] ଠାରୁ ଅଧିକ ହୋଇଥିବା ଆବଶ୍ୟକ ପ୍ରଦାନ କରିବା ସହ ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ ସ୍ଥାବର ସଂପତିର ପ୍ରମାଣପତ୍ର ଦାଖଲ କରିବେ ।

୬. Income Tax Clearance କିମ୍ବା ଗତ Assessment year ର IT return ର ନକଲ ଯଦି ଥାଏ ପ୍ରଦାନ କରିବେ । (ସର୍ତାବଳୀର ବିବରଣୀ ଜିଲ୍ଲାପାଳଙ୍କweb site : www.subarnapur.nic.in କିମ୍ବା ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ କରିପାରିବେ ।)

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୦୪ (OMMC Rule-2004) ଓOMMC (Ammendment) Rule-2016 ପରିସର ଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମ ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟର (Additional Charges)ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମ ଧାରିଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ସର୍ବୋଚ୍ଚ ରୟାଲଟି ଓ (Additional Charges) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୪. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ଓ (Additional Charges) ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରାଯିବ ।

୫. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

୬. ଲିଜରେସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୭. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷଦାୟୀ ରହିବେ ନାହିଁ ।

୮.ସର୍ବୋଚ୍ଚ ଲିଜଧାରୀ ମାଇନିଙ୍ଗ୍ ପ୍ଲାନ (Mining Plan)ବାବଦକୁ ଟ.୪୦,୦୦୦/- ଏବଂ ଯଦି ପରିବେଶ ସମ୍ବନ୍ଧୀୟ ଅନୁମତି (EC) ହାସଲ ହୋଇଥିବ ତାହାର ଖର୍ଚ୍ଚ ଦାଖଲ କରିବେ ନଚେତ୍ ଲିଜ୍ ବାତିଲ୍ କରାଯିବ ।

୯. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ର ପରିମାଣତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲିଟି ଓ (Additional Charges) ରାଶିକୁଗୁଣନକଲେ ଯେଉଁ ପରିମାଣର ଅର୍ଥ ହେବ ଉକ୍ତ ରାଶି (Mining Plan)ଓ Environmental Clearanceଆଣି ସାରିଲା ପରେ ପୈଠକରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ଓଡିଶା ଖଣି ଆକ୍ଟ ୧୯୦୮ ଓପ୍ଲାନ୍ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Lease Deed)ସଂପାଦନ କରିବେ ।

୧୦. ଲିଜ ଧାରୀ ଲିଜ୍ ବାବଦକୁ ରୟାଲ୍ଟି ଦେୟର ଶତକଡା ୫ ଭାଗEnvironmental Management Fundତହସିଲଦାର୍ ଙ୍କ ପାଖରେ ଦାଖଲ କରିବେ ।

୧୧. ଲିଜଧାରୀ ରୋୟଲଟି ଓ (Additional Charges) ଦେୟ ର ୧୦% District Mineral Fund ବାବଦକୁ ତହସିଲଦାରଙ୍କ ପାଖରେ ଦାଖଲ କରିବେ ।

୧୨. ଯଦି ପରିବେଶ ସମ୍ବନ୍ଧୀୟ ଅନୁମତି (Environmental Clearance) ହୋଇ ନ ଥିବ ତା ହେଲେ ଲିଜଧାରୀ ନିଜ ଦାୟିତ୍ୱରେ ହାସଲ କରିବେ ।

୧୩.ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇ ଥିବା ଜମା ରାଶିକୁ ବ୍ୟାଜାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୪.ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀconcrete pillarଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରିସେଥିରେ ସୈରାତ ଉତ୍ସର ନମ୍ବର ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବା ସହିତ ବିଜ୍ଞାପନ ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

୧୫. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ ।

୧୬.ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ଦେଖିପାରିବେ ।

୧୭. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

୧୮. ଜମା ରୟାଲଟିର ୨% ଲିଜଧାରୀ ଆୟକର (T.C.S.)ବାବଦକୁ ଚାଲାଣ ଆକାରରେ ଜମାକରିବେ ।

୧୯. ଲିଜଧାରୀଙ୍କୁ ରୟାଲଟି ସହିତ ନିର୍ଦ୍ଧାରିତSurface Rent ଏବଂ Dead Rent ମଧ୍ୟ ପଇଠ କରିବାକୁ ପଡିବ ।

୨୦. ଲିଜ ଅବଧି ମଧ୍ୟରେShedule-II ରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଦରର ଅଭିବୃଦ୍ଧି ହେଲେ ଓସଂପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ କରିଥିବା ରୟାଲଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଦାଖଲ କରିବେ ।

୨୧.ଧାର୍ଯ୍ୟ ତାରିଖରେ କୌଣସି କାରଣ ବଶତଃ ନିଲାମ ହୋଇ ନ ପାରିଲେ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ, ରଦ୍ଦ କରିପାରିବେ ।

## ସୈରାତ ଉତ୍ସର ବିବରଣୀ

| [illegible]ଖ୍ୟା | କେସ ନଂ. | ସୈରାତର ନାମ | ଖାତା ନଂ. | ପ୍ଲ. ନଂ. | କିସମ | ରକବା | ବାର୍ଷିକ M.G.Q ପରିମାଣ | ଅମାନତ ଅଗ୍ରୀମ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରିବେ । |
|---|---|---|---|---|---|---|---|---|
| ୧ | ୧/୨୦୨୦ | ବ୍ରାହ୍ମଣୀପାଲି | ୮୩ | ୨/୬୯୨ | ଯୋର | ୪.୬୨୦ | ୧୯୯୬ | ୩୪୯୩ |
| | | | | ୫୮/୬୯୧ | ଯୋର | ୩.୨୫୦ | | |

**ତହସିଲଦାର, ଉଲୁଣ୍ଡା**

**ଜ୍ଞାପକ ସଂଖ୍ୟା: /ତାରିଖ :**

ଏହାର ଏକାକିତା ନକଲ ସରପଞ୍ଚ , ଯଉରାଭଉରା ଗ୍ରାମ ପଞ୍ଚାଯତ , ରାଜସ୍ୱ ନିରିକ୍ଷକ, ଶିଖୋଲ, ତହସିଲ କାର୍ଯ୍ୟାଳୟ, ବୀରମହାରାଜପୁର/ଉଲୁଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଉଲୁଣ୍ଡା/ବୀରମହାରାଜପୁରଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ଓ ବ୍ୟାପକ ପ୍ରଚାର /ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

**ତହସିଲଦାର, ଉଲୁଣ୍ଡା**

**ଜ୍ଞାପକ ସଂଖ୍ୟା: /ତାରିଖ :**

ଏହାର ଏକାକିତା ନକଲ ଉପଜିଲ୍ଲାପାଳ, ବୀରମହାରାରଜପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟ ସକାଶେ ପ୍ରେରଣ କରାଗଲା ।

**ତହସିଲଦାର, ଉଲୁଣ୍ଡା**